## ବାଇକ-ଡାଲା ଅଟୋ ଧକ୍କା: ୨ ଗୁରୁତର

ବାଲିକୁଦା,(ସ୍ୱ.ପ୍ର.): ବାଲିକୁଦା-ଜଗତ୍‌ସିଂହପୁର ରାସ୍ତାର ଫକୀରପଡ଼ା ଛକ ନିକଟରେ ଶନିବାର ରାତିରେ ବାଇକ୍ ଓ ଡାଲା ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନେ ନାଉଗାଁ ଥାନା ଡାବର ଅଞ୍ଚଳର ବୋଲି ଜଣାପଡିଛି। ସେମାନେ ବାଇକ୍‌ରେ କଟକ ଆଡୁ ଆସୁଥିଲେ। ଏହି ସମୟରେ ଏକ ଦୁଗ୍ଧ କମ୍ପାନୀରେ ନିୟୋଜିତ ଡାଲା ଅଟୋ ବିପରୀତ ଦିଗରୁ ଫେରୁଥିଲା। ଫକୀରପଡ଼ା ଛକରେ ଉଭୟ ଗାଡ଼ି ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



## ଆଜି କ'ଣ କେଉଁଠି

ଯାଜପୁର

- କ୍ରେଡିଟ୍ ଆଉଟ୍ ରିଚ୍ କାର୍ଯ୍ୟକ୍ରମ। ସ୍ଥାନ: ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସର। ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ସଂକ୍ଷେପରେ

### ଓଏଏସ୍ ପରୀକ୍ଷାରେ ଆଦ୍ୟାଶାଙ୍କ ସଫଳତା



ରାଜକନିକା,୧୦।୧୦(ଡି.ଏନ.ଏ.): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲା ହାଟସାହି ନୋଡାଲ ହାଇସ୍କୁଲର ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ବଲ ୧୧୬ ର୍‍ୟାଙ୍କରେ ଅଛନ୍ତି। ଆଦ୍ୟାଶାଙ୍କ ଏପରି ସଫଳତାକୁ ନେଇ ଉକ୍ତ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଦ୍ୟାଶା ମାଟ୍ରିକ ପରୀକ୍ଷାରେ ୮୯.୩ ପ୍ରତିଶତ ନମ୍ବର ରଖି ପାସ୍ କରିଥିଲେ। ଏହାପରେ ସେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା କହିଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ସେ ନିଜ ମା'ବାପା, ମାମୁମାଇଁଙ୍କୁ ଦେଇଛନ୍ତି।

### ଓଏଏସ୍ ୯୪ତମ ସ୍ଥାନରେ ଦୀପ୍ତିମୟୀ



ମହାକାଳପଡ଼ା,୧୦।୧୦(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଯଦୁପୁର ଗାଁର କାହ୍ନୁ ଚରଣ ନାଥ ଓ ଗୀତାଞ୍ଜଳିଙ୍କ ଝିଅ ଦୀପ୍ତିମୟୀ ଶର୍ମା(୨୪) ଓଡ଼ିଶା ପ୍ରଶାସନିକ ସେବା ୨୦୧୯ ପରୀକ୍ଷାରେ ୯୪ତମ ସ୍ଥାନରେ ରହିଛନ୍ତି। ଦୀପ୍ତି କେନ୍ଦ୍ରାପଡ଼ାସ୍ଥିତ ନବୋଦୟ ବିଦ୍ୟାଳୟରୁ ୨୦୧୪ରେ ଯୁକ୍ତ ଦୁଇ ବିଜ୍ଞାନରେ ସଫଳତାର ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୨୦୧୭ରେ ପଦାର୍ଥ ବିଜ୍ଞାନ ସମ୍ମାନରେ ଡିଗ୍ରୀ ହାସଲ କରିଥିଲେ। ପରେ ୨୦୧୯ରେ ଇଣ୍ଡିଆନ୍ ପୋଷ୍ଟାଲରେ ନିଶ୍ଚିନ୍ତକୋଇଲିଠାରେ କାର୍ଯ୍ୟରତ ଥିଲେ। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱର ସହ ସଫଳତା ହାସଲ କରିଥିଲେ। ଏହି ସଫଳତା ମା',ବାପା ଓ ଗୁରୁଜନଙ୍କ ଆଶୀର୍ବାଦ ଯୋଗୁ ମିଳିଥିବା ଦୀପ୍ତି କହିଛନ୍ତି। ଆଗକୁ ମୋର ମୂଳ ଲକ୍ଷ୍ୟ ଆଇଏଏସ୍ ପାଇବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡିବ ବୋଲି ସେ କହିଛନ୍ତି। ଗାଁର ଗରିବ ଲୋକଙ୍କ ସେବା କରିବା ପାଇଁ ସୁଯୋଗ ମିଳିଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ମୌଳିକ ସେବା ପାଇଁ ବଦ୍ଧପରିକର ବୋଲି ସେ କହିଛନ୍ତି।

### ଅମରେନ୍ଦ୍ର ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ



ଏରସମା,୧୦।୧୦(ସ୍ୱ.ପ୍ର.): ଏରସମା ବ୍ଲକ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ଗୁରୁଗୁରିଆ ଗ୍ରାମର ଅଭୟ କୁମାର ସ୍ୱାଇଁଙ୍କ ପୁଅ ଅମରେନ୍ଦ୍ର ସ୍ୱାଇଁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷାରେ ଦ୍ୱାଦଶ ସ୍ଥାନ ହାସଲ କରିଛନ୍ତି। କୁଜଙ୍ଗ ବ୍ଲକ ତାଳପଡା ପଞ୍ଚାୟତ ଖୁଣ୍ଟଲସ୍ଥିତ ଆଖଣ୍ଡଳମଣି ବିଦ୍ୟାପୀଠରୁ ସେ ମାଟ୍ରିକ ପାସ୍ କରିବା ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୨ ପଢ଼ିଥିଲେ। ଏହାପରେ ଷ୍ଟୁଆର୍ଟ କଲେଜରୁ ସ୍ନାତକ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ପରେ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏହି ସଫଳତାର ଶ୍ରେୟ ସେ ବାପା ଓ ମା'ରଞ୍ଜିତାଙ୍କ ସମେତ ଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇ ଓ ସାଥୀ ବ୍ୟୋମକେଶ ପ୍ରଧାନଙ୍କୁ ଦେଇଛନ୍ତି।

### ବିଜେଡିରେ କଂଗ୍ରେସ କର୍ମୀଙ୍କ ଯୋଗଦାନ

ବାଲିକୁଦା,୧୦।୧୦(ସ୍ୱ.ପ୍ର.): ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ବାଲିକୁଦାସ୍ଥିତ ବାସଭବନରେ ରବିବାର ବାଲିକୁଦା ବ୍ଲକ ତିରିଆ ପଞ୍ଚାୟତର କଂଗ୍ରେସ କର୍ମୀ ଦଳ ଛାଡି ବିଜେଡିରେ ଯୋଗଦେଇଛନ୍ତି। ପଞ୍ଚାୟତର କଂଗ୍ରେସ ନେତା ମଳୟ ପରିଜାଙ୍କ ନେତୃତ୍ୱରେ ମନୁ କଂସ, ରାମଚନ୍ଦ୍ର ଦାସ, ବିଷ୍ଣୁ ଚରଣ ଦାସ, ପ୍ରଶାନ୍ତ ମୁଦୁଲି, ସର୍ବେଶ୍ୱର ଦାସ, କୈଳାସ ମହାନ୍ତି, ବିଚିତ୍ରାନନ୍ଦ ମହାନ୍ତି ଏବଂ ୱାର୍ଡସଭ୍ୟ ବିଜୟ ଦାସ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ମନ୍ତ୍ରୀ ଦାସ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏହି ମିଶ୍ରଣ ପର୍ବରେ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ସୁଶାନ୍ତ ନାୟକ, ତାପସ ନାୟକ, ବୈରାଗୀ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଷାକ୍ତ ଧୂଳି, ଧୂଆଁର ଭୟ

- ପ୍ରଭାବିତ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲାବାସୀ
- ନଷ୍ଟ ହେଉଛି ପ୍ରାକୃତିକ ପରିବେଶ
- ଦୃଷ୍ଟି ଦେଉନି ଜିଲା ପ୍ରଶାସନ



କେନ୍ଦ୍ରାପଡ଼ା ଅଫିସ, ୧୦।୧୦

ମହାନଦୀର ଦୁଇପାର୍ଶ୍ୱରେ ୨ଟି ଜିଲା। ଗୋଟିଏ ପାର୍ଶ୍ୱରେ କେନ୍ଦ୍ରାପଡ଼ା ଅପରପାର୍ଶ୍ୱରେ ଜଗତ୍‌ସିଂହପୁର। କେନ୍ଦ୍ରାପଡ଼ା ଜିଲା ଅଦ୍ୟାବଧି ଶିଳ୍ପବିହୀନ ଅବସ୍ଥାରେ ଅଛି। ହେଲେ ଜଗତ୍‌ସିଂହପୁର ଜିଲା ପାରାଦୀପ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ବୃହତ୍ ଶିଳ୍ପ ଅନୁଷ୍ଠାନ ଗଢ଼ି ଉଠିଛି। ଏହି ଶିଳ୍ପ ଅନୁଷ୍ଠାନରୁ ବିଭିନ୍ନ ସମୟରେ ନିର୍ଗତ ବିଷାକ୍ତ ଧୂଳି ଓ ଧୂଆଁ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ଅତିଷ୍ଠ କରୁଛି। ସେଠାରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ନଦୀ ନାଳରେ ମିଶି କେନ୍ଦ୍ରାପଡ଼ା ଜିଲାର ବିଭବ ଭାବେ ପରିଚିତ ଆର୍ଦ୍ରଭୂମି ଭିତରକନିକା ସମେତ ସ୍ଥାନୀୟ ଅଞ୍ଚଳର ପ୍ରାକୃତିକ ପରିବେଶ ନଷ୍ଟ କରୁଛି। ହେଲେ ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ଯାଜପୁର ଓ ଜଗତ୍‌ସିଂହପୁର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା କେନ୍ଦ୍ରାପଡ଼ା ଜିଲା ସଂଲଗ୍ନରେ ଅବସ୍ଥିତ। ପ୍ରତିଦିନ ରାସାୟନିକ ପଦାର୍ଥଭରା ଭାରିଯାନ ଏହି ରାସ୍ତା ଦେଇ ଯାତାୟାତ କରୁଛି। ରାସାୟନିକ ବିପର୍ଯ୍ୟୟ ପ୍ରତି ଜିଲା ପ୍ରଶାସନ ସଚେତନ ନୁହନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି। ପରିବେଶ ପ୍ରଦୂଷଣ ପ୍ରଭାବରେ ହେଉଥିବା ସମସ୍ୟା ସମ୍ପର୍କରେ ମହାକାଳପଡ଼ା ବ୍ଲକ ବଟିଘର ଅଞ୍ଚଳର ପୂର୍ଣ୍ଣିମା ମାଝି, ସୁଦର୍ଶନ ବେରା, ହରିପଦ ବିଶ୍ୱାସ ପ୍ରମୁଖ କୁହନ୍ତି, ଜଗତ୍‌ସିଂହପୁର ଜିଲା ଶିଳ୍ପାଞ୍ଚଳରୁ ନିର୍ଗତ ବିଷାକ୍ତ ଧୂଳି ଓ ଧୂଆଁ ଆମ ଜୀବନକୁ ଦୁର୍ବିଷହ କରି ଦେଇଛି। ଶିଳ୍ପାଞ୍ଚଳରୁ ନିର୍ଗତ ଧୂଳି ଓ ଧୂଆଁ ଚର୍ମ ରୋଗଠାରୁ ଆରମ୍ଭ କରି କ୍ୟାନ୍‌ସରର କାରଣ ହୋଇଛି। ଆମ ଅଞ୍ଚଳର ଫସଲକୁ ସେହି ପ୍ରଦୂଷଣ ନଷ୍ଟ କରୁଛି। ପାରାଦୀପର ଏକ ଷ୍ଟିଲ୍ ପ୍ଲାଣ୍ଟରୁ ଲାଲ ରଙ୍ଗର ଧୂଳି ଉଡି ଆସି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଖେଳେଇ ହୋଇଯାଇଛି। ଘରବାଡିଠାରୁ ଆରମ୍ଭ କରି ଗଛପତ୍ରରେ ନାଲି ରଙ୍ଗର ଆସ୍ତରଣ ଦେଖାଯାଉଛି। ଏପର ପ୍ରଦୂଷଣ ସ୍ଥାନୀୟ ଅଞ୍ଚଳ ପାଇଁ ନୂଆ ନୁହେଁ। ପ୍ରତ୍ୟହ ଏପରି ସମସ୍ୟା ନଜରକୁ ଆସୁଛି। ସ୍ଥାନୀୟ ଲୋକେ ରୋଗ ସହ ଜୀବନଜୀବିକାକୁ ନେଇ ଚିନ୍ତାରେ ପଡିଥିବା ସେମାନେ ପ୍ରକାଶ କରିଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ, ସମରେନ୍ଦ୍ର ମାହାଳି, ପ୍ରଭୁପ୍ରସାଦ ମହାପାତ୍ର ପ୍ରମୁଖ କହିଛନ୍ତି, ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଜାତୀୟ ଉଦ୍ୟାନ ଭିତରକନିକା ପ୍ରତି ବିପଦ ସାଜିଛି। ସେହିପରି ଏହି ବିଷାକ୍ତ ରାସାୟନିକ ପ୍ରଭାବ ସାମୁଦ୍ରିକ ଜଳଜୀବ ସମେତ ନଦୀ ନାଳ ଉପରେ ବିଷାକ୍ତ ଆସ୍ତରଣ ସୃଷ୍ଟି କରୁଛି। ଗଛ ସବୁ ପୋଡ଼ି ଯାଉଥିବା ବେଳେ ଫସଲ ଅଧିକ ଅମଳକ୍ଷମ ହେଉନାହିଁ। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟିକୁ ଅଣାଯାଇଥିବା ସେମାନେ ପ୍ରକାଶ କରିଛନ୍ତି।

ସାମାଜିକ କର୍ମୀ ବିଭୂତି ଭୂଷଣ କର, ଲକ୍ଷ୍ମୀଧର ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ, ପ୍ରଭାତ କୁମାର ତ୍ରିପାଠୀ ପ୍ରମୁଖ କହିଛନ୍ତି, ୨୦୧୯ ଜୁନ୍‌ରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢ଼ୀଙ୍କ ଅଧକ୍ଷତାରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକାରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାସାୟନିକ ଓ ଶିଳ୍ପାନୁଷ୍ଠାନ ଦୁର୍ଘଟଣା ପରି ବିପର୍ଯ୍ୟୟ କ୍ଷେତ୍ରରେ ରାଜ୍ୟ କ୍ରାଇସିସ୍ ମେଣ୍ଟେନାନ୍ସ ଗ୍ରୁପ୍ ତତ୍ପରତାର ସହ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି କ୍ରାଇସିସ୍ ମେଣ୍ଟେନାନ୍ସ ଗ୍ରୁପ୍ ଶିଳ୍ପାଞ୍ଚଳର ଆଖପାଖ ଅଞ୍ଚଳ ସର୍ଭେ କରିବା ସହ ପ୍ରଦୂଷଣର ନିରାକରଣ ବ୍ୟବସ୍ଥା କରିବ। ବୈଠକକୁ ଇତିମଧ୍ୟରେ ଅଢ଼େଇ ବର୍ଷ ବିତି ଯାଇଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାରେ କ୍ରାଇସିସ୍ ମେଣ୍ଟେନାନ୍ସ ଗ୍ରୁପ୍‌ର କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ପାରାଦୀପ ଶିଳ୍ପାଞ୍ଚଳରେ ଗତ ଶୁକ୍ରବାର ଲାଲ ଧୂଳି ଉଠିବା ଘଟଣା ଜିଲା ପ୍ରଶାସନର ନଜରକୁ ଆସିଛି। ଏ ନେଇ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ନିର୍ଦ୍ଦେଶାଳୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ।



ଜଗତ୍‌ସିଂହପୁର ବ୍ଲକ ସରାଣ୍ଡୋସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣର ଷୋଡ଼ଶ ପୂଜାର ଷଷ୍ଠ ଦିବସରେ ସ୍କନ୍ଦମାତା ବେଶ।

## ଆଜାଦୀ କା ଅମୃତ ମହୋତ୍ସବ

ପଟ୍ଟାମୁଣ୍ଡାଇ,୧୦।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଞ୍ଚାୟତ ଉତ୍କଳମଣି ଯୁବକ ସଂଘ ଓ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ବଡପଡ଼ା କଲେଜଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସବ୍‌ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଅବସରପ୍ରାପ୍ତ ସେନା ଅଧିକାରୀ ନିରଞ୍ଜନ ଦାସ, ସାମାଜିକ କର୍ମୀ ପ୍ରତାପ ତ୍ରିପାଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସମସ୍ତଙ୍କୁ ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଥିଲେ। ସଂଘର ସଭାପତି ଗୌତମ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ୭୫ଜଣ ଯୁବକଙ୍କୁ ନେଇ ଅନୁଷ୍ଠିତ ଫିଟ ଇଣ୍ଡିଆ ଫ୍ରିଡ୍ରମ ରନ ବଡପଡା କଲେଜଠାରୁ ବାହାରି କାନାରା ବ୍ୟାଙ୍କ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସଂଘ ଉପସଭାପତି ଗୁଡୁ ବିଶ୍ୱାଳ, ସମ୍ପାଦକ ବୈଷ୍ଣବ ବେହେରା ପ୍ରମୁଖ ସାମିଲ ହୋଇଥିଲେ।



ସମ୍ମିଳନୀରେ ଯୋଗ ଦେଇଥିବା ବିଧାୟିକା, ବିଧାୟକ ଓ ନେତାମାନେ।

## ମଧୁବାବୁ ଆଇନ ସହାୟତା କେନ୍ଦ୍ରକୁ ଗୁରୁତ୍ୱ

### ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ

କେନ୍ଦ୍ରାପଡ଼ା ଅଫିସ, ୧୦।୧୦

ଆର୍ଥିକ ଦୁଃସ୍ଥିତି ଥିବା ଜନସାଧାରଣଙ୍କର ଆଇନଗତ ଅଧିକାରକୁ କେହି ଛଡାଇ ନେଇପାରବେ ନାହିଁ। ଗରିବ ଲୋକଙ୍କ ଆବଶ୍ୟକ ମୁତାବକ ଆଇନଗତ ସହଯୋଗ ଯୋଗାଇ ଦିଆଯିବ। ବିଶେଷକରି ବରିଷ୍ଠ ନାଗରିକ, ମହିଳା, ଶିଶୁ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ଆଇନ ସହାୟତା ପାଇଁ ହନ୍ତସନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୧୬ରେ ରାଜ୍ୟ ସରକାର ମଧୁବାବୁ ଆଇନ ସହାୟତା ଯୋଜନା ଆରମ୍ଭ କରିଛନ୍ତି। ପ୍ରତି ପଞ୍ଚାୟତରେ ଗ୍ରାମ ରୋଜଗାର ସେବକ ଅଥବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରିଚାଳନାରେ ପ୍ରତି ରବିବାର ଆଇନ ସହାୟତା ପାଇଁ ବୈଠକ ହେବ। ଅନ୍ୟୂନ୍ୟ ୩ ବର୍ଷରୁ ଊର୍ଦ୍ଧ୍ୱ ଆଇନ କ୍ଷେତ୍ରରେ ପରିଚାଳନା କରୁଥିବା ଓ ଜିଲାପାଳଙ୍କ ମାଧ୍ୟମରେ ନିଯୁକ୍ତ ଆଇନଜୀବୀ ଏ ସମ୍ପର୍କରେ ପରାମର୍ଶ ଦେବେ। ତେବେ ଏହି ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରିନାହିଁ। ଆଇନଜୀବୀଙ୍କୁ ନିଯୁକ୍ତି ମିଳି ନ ଥିବାରୁ ଏପ୍ରକାର ସମସ୍ୟା ଦେଖାଦେଇଛି। ତୁରନ୍ତ ଆଇନଜୀବୀଙ୍କୁ ନିଯୁକ୍ତି ଦେବାକୁ କେନ୍ଦ୍ରାପଡ଼ା ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀରେ ପ୍ରସଙ୍ଗ ଉଠିଛି। କେନ୍ଦ୍ରାପଡ଼ା ଟାଉନ ହଲ୍‌ଠାରେ ସାମ୍ମୁଖ୍ୟର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଥିଲା। ସଭାପତି ଭୀମସେନ ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ଆଇନଜୀବୀଙ୍କ ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ମତ ଦେଇଥିବା ବେଳେ ସାଧାରଣ ଜନତାଙ୍କୁ ଆଇନଗତ ସହାୟତା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଏଥିରେ ସାମ୍ମୁଖ୍ୟର କର୍ମକର୍ତ୍ତା ମନୋଜ ସାହୁ, ସଞ୍ଜୟ କୁମାର ଜେନା, ଗୋକୁଳି ଦାସ, ବରିଷ୍ଠ ଆଇନଜୀବୀ ଗଗନବିହାରୀ ଜେନା, ରଞ୍ଜନ କୁମାର ପଣ୍ଡା, ଦେବଦାସ ମହାନ୍ତି, ଅଞ୍ଜନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ସୁଚିତ୍ରା ହତ୍ୟା ଘଟଣା: ୩ ଅଭିଯୁକ୍ତ ଗିରଫ

ବିରିଡି,୧୦।୧୦ (ଡି.ଏନ୍.ଏ.)

ବିରିଡି ଥାନା ଅନ୍ତର୍ଗତ ହାଜିପୁର ବେହେରା ସାହି ଗ୍ରାମର ସୁଚିତ୍ରା ବେହେରା(୨୪)ଙ୍କ ଅଗଷ୍ଟ ୧୦ ତାରିଖ ରାତିରେ ଶ୍ୱଶୁର ଘରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବାପଘର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ରବିବାର ସ୍ୱାମୀ ରାକେଶ ବେହେରାଙ୍କ ସମେତ ଶାଶୁ ବୁଲି ବେହେରା ଓ ଶ୍ୱଶୁର ସଦାନନ୍ଦ ବେହେରାଙ୍କୁ ଗିରଫ କର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ସୁଚିତ୍ରାଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥିଲା। ତା'ପରେ ଆତ୍ମହତ୍ୟା ରୂପ ଦେବାପାଇଁ ତାଙ୍କୁ ଦଉଡ଼ିରେ ଶିଡି ଛାତରେ ଝୁଲାଇ ଦିଆଯାଇଥିଲା। ଏନେଇ ସୁଚିତ୍ରାଙ୍କ ଭାଇ ଶିବଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୧୫୧/୨୧) ରୁଜୁ ହୋଇଥିଲା। ଏହାପରେ ପୋଲିସ ବିଭିନ୍ନ ଦିଗରୁ ଆସିଥିବା ବୟାନକୁ ଭିତ୍ତିକରି ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ କୋଭିଡ୍ ପଜିଟିଭ ଥିବାରୁ ସେମାନଙ୍କୁ ପାରାଦୀପ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଭଲ ହେବାପରେ ସେମାନଙ୍କୁ ଜେଲକୁ ପଠାଯିବ ବୋଲି ଆଇଆଇସି ନିରଞ୍ଜନ ମଲିକ କହିଛନ୍ତି।

## ଆମାଜନ୍ ଇଜି ସର୍ଭିସ୍ ସେଣ୍ଟର ଉଦ୍‌ଘାଟିତ

ଯାଜପୁର ସଦର,୧୦।୧୦(ଡି.ଏନ.ଏ.)

ଯାଜପୁରର ବ୍ୟବସାୟିକ ପେଣ୍ଠସ୍ଥଳ ହରିପୁର ହାଟଠାରେ ଥିବା ଜଗନ୍ନାଥ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଆମାଜନ୍ ଅନଲାଇନ୍ ଇଜି ସର୍ଭିସ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଆମାଜନ୍‌ର ରାଜ୍ୟ ବ୍ୟବସାୟିକ ମୁଖ୍ୟ ସୁଧୀର କୁମାର ରାଉତରାୟ ଏହି ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ଏହି ସେଣ୍ଟର ଜରିଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଯିବ। ଏହାସହିତ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଅନଲାଇନ୍ ସର୍ଭିସ୍ ମାଧ୍ୟମରେ ଉପଲବ୍ଧ ହେବ। ଆମାଜନ୍ ପକ୍ଷରୁ ଏହା ଓଡ଼ିଶାର ନବମ ଓ ଯାଜପୁର ଜିଲାର ପ୍ରଥମ କେନ୍ଦ୍ର ଭାବେ ମାନ୍ୟତା ପାଇବ। ଆମାଜନ୍‌ର ୪୦ ପ୍ରକାର ସୁବିଧା ଜିଲାର କୋଣ ଅଣୁକୋଣରେ ଯୋଗାଇ ଦିଆଯିବ ବୋଲି ଏହାର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁଷ୍ପାଞ୍ଜଳି ବରାଳ, ଆମାଜନ୍ ଅନଲାଇନ୍ ଇଜି ସର୍ଭିସ ସେଣ୍ଟର ମାଲିକ ବିଜୟ ପାତ୍ର ସୂଚନା ଦେଇଛନ୍ତି।

## ଆଦର୍ଶ ବିଦ୍ୟାଳୟ ନୂତନ ଗୃହର ଶିଳାନ୍ୟାସ

ଡେରାବିଶ ୧୦।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗାଠାରେ ଆଦର୍ଶ ବିଦ୍ୟାଳୟ ନୂତନ ଗୃହର ଶିଳାନ୍ୟାସ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରଓାଲ କରିଛନ୍ତି। କୁରୁଜଙ୍ଗା ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟିକା ଅଗ୍ରଓାଲ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରଓାଲ ଓ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏଥିରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସରୋଜ କୁମାର ନାୟକ ଯୋଗଦେଇ ବିଦ୍ୟାଳୟ ଗୃହ କାର୍ଯ୍ୟ ଆସନ୍ତା ୨୦୨୨ ଅଗଷ୍ଟ ୮ ସୁଦ୍ଧା ଶେଷ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ଦାସ, ସରପଞ୍ଚ ଯୋଗାନନ୍ଦ ମହାନ୍ତି, ଉମାକାନ୍ତ ନାୟକ, ଶୁଦ୍ଧଦେବ ବେହେରା, ଗଣେଶ୍ୱର ବେହେରା ପ୍ରମୁଖଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

## ମଦ ଦୋକାନୀଙ୍କଠାରୁ ବ୍ରାଉନସୁଗାର ଜବତ

### ବାପ, ପୁଅ କୋର୍ଟଚାଲାଣ

ଜଗତ୍‌ସିଂହପୁର ଅଫିସ, ୧୦।୧୦

ଜଗତ୍‌ସିଂହପୁର ଜିଲାରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ଏହି କାରବାରରେ ଏବେ ଲାଇସେନ୍ସପ୍ରାପ୍ତ ମଦଦୋକାନୀ ମଧ୍ୟ ସାମିଲ ହେଲେଣି। ଜିଲାରୁ ରବିବାର ଗୋଟିଏ ଦିନରେ ୨ ସ୍ଥାନରୁ ୨୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରାଯାଇଛି। ଏହି କାରବାର ଅଭିଯୋଗରେ ଜଣେ ମଦ ଦୋକାନୀ ଓ ତାଙ୍କ ପୁଅଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୋପାଳସାଗର ମାଧପୁରର ରଞ୍ଜନ ମଲ୍ଲିକ ଓରଫ ପେଟା (୨୬) ଓ ତାଙ୍କ ବାପା ଟିଙ୍କି ମଲ୍ଲିକ। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ସେନେଇ ତନାଘନା ଚାଲିଛି। ଗୋପାଳସାଗର ଛକ ନିକଟରୁ ପେଟାଙ୍କଠାରୁ ୨୬୨.୪୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏଥିସହ ୪୦ ଗ୍ରାମର ଏକ ସୁନା ବ୍ରେସଲେଟ୍ (ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା) ଜବତ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ପେଟାଙ୍କ ସହଯୋଗୀ ଶମ୍ଭୁଙ୍କୁ ମଧ୍ୟ ଗିରଫ କରାଯାଇଥିବା ଏସ୍‌ପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ଅନେକ ସମୟରେ ପେଟା ଓ ଶମ୍ଭୁ ବ୍ରାଉନସୁଗାର ପାଇଁ ଜଳେଶ୍ୱର ଯାଉଥିଲେ। ପୂର୍ବରୁ ମଧ ଶମ୍ଭୁଙ୍କୁ ଗିରଫ କରାଯାଇଥିଲା ବୋଲି ଏସ୍‌ପି କହିଛନ୍ତି। ସେହିପରି ଅନ୍ୟ ଏକ ମାମଲା (ସଂଖ୍ୟା ୫୧୨/୨୧)ରେ ୧୨.୫୦ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏହି ଅଭିଯୋଗରେ ଉକ୍ତ ଥାନା ଅନ୍ତର୍ଗତ ନୂଆପାଟଣାର ବିଶ୍ୱରଞ୍ଜନ ଦାଶ (୨୪)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ବିଶ୍ୱରଞ୍ଜନ ଆଶ୍ରମ ପାଟଣାସ୍ଥିତ ବିଜୁ ପଟ୍ଟନାୟକ କଲେଜ ନିକଟରେ ବ୍ରାଉନ୍‌ସୁଗାର ଚୋରା ଚାଲାଣ ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ହାତରେ ଧରାପଡିଥିଲେ। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧,୨୫,୦୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତାଙ୍କଠାରୁ ଗୋଟିଏ ବାଇକ୍, ମୋବାଇଲ ଓ ୪,୮୫୦ ଟଙ୍କା ଜବତ ହୋଇଛି। ଗତ ମାସକ ଭିତରେ ପାଖାପାଖି ଦେଢ଼ କୋଟି ଟଙ୍କାର ବ୍ରାଉନ ସୁଗାର ଜବତ ହୋଇଥିବା ନେଇ ସୂଚନା ମିଳିଛି।

## ଡେରାବିଶ କ୍ରିକେଟ କ୍ଲବର ବାର୍ଷିକ ଉତ୍ସବ





କ୍ରିକେଟ କ୍ଲବର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଡେରାବିଶ, ୧୦।୧୦(ସ୍ୱ.ପ୍ର.)

ଡେରାବିଶ କ୍ରିକେଟ କ୍ଲବର ବାର୍ଷିକୋତ୍ସବ ରବିବାର ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ତଲକପୁରସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ସଭାପତି ରଞ୍ଜନ କୁମାର ସାହୁ ଅଧକ୍ଷତା କରିଥିଲେ। ରାଜ୍ୟ ବିଜେଡି ସଧାରଣ ସମ୍ପାଦକ ରବି ସାମଲ ମୁଖ୍ୟଅତିଥି, ପୂର୍ବତନ ରଣଜୀ ଖେଳାଳି ଅରବିନ୍ଦ ସିଂହ ମୁଖ୍ୟବକ୍ତା, ଡେରାବିଶ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ଜିଲା ବିଜେଡି ସମ୍ପାଦକ ମହେନ୍ଦ୍ର କୁମାର ସିଂହ, ଓଡ଼ିଶା କ୍ରିକେଟ ଆସୋସିଏଶନ କର୍ମକର୍ତ୍ତା ବୀରବର ନାୟକ, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଜ୍ୟୋତି ରଞ୍ଜନ ଶତପଥୀ, ଡେରାବିଶ କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ସାହାଜାହାନ ଖାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସମ୍ପାଦକ ଅନୁପ କୁମାର ରାଉତ ବର୍ଷିକ ବିବରଣୀ ପାଠ କରିଥିଲେ।

## କୃଷକ ଦରବାର କାର୍ଯ୍ୟକ୍ରମ

ମାର୍ଶାଘାଇ, ୧୦।୧୦ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକର ତାଳସଙ୍ଗା ଗାଁରେ କେନ୍ଦ୍ରାପଡ଼ା ଲାୟନ୍ସ କ୍ଲବ ପକ୍ଷରୁ ଜିଲା ସୂଚନା ଅଧିକାର ଅଭିଯାନ ଓ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ କୃଷକମାନଙ୍କୁ ନେଇ କୃଷକ ଦରବାର କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ରଞ୍ଜିତ ଆଚାର୍ଯ୍ୟ ମୁଖ୍ୟଅତିଥି, ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି ଓ ଲାୟନ୍ସ କ୍ଲବ ସଭାପତି ଦୀପକ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷକମାନଙ୍କ ସମସ୍ୟା, ତାହାର ନିରାକରଣ ଓ କିପରି ସରକାରୀ ଯୋଜନାର ଲାଭ ପାଇପାରିବେ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏଥିରେ ବରିଷ୍ଠ ଚାଷୀ ଶରତ ମାହାଳି, ନାଗମଣି ରାଉତ, ଉମାକାନ୍ତ ମାହାଳି, ନିରଞ୍ଜନ କାନୁନ୍‌ଗୋ, ସଞ୍ଜୟ ମହାପାତ୍ରଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ଓଏଏସ୍ କୃତକାର୍ଯ୍ୟ ଆଶୁତୋଷଙ୍କୁ ସମ୍ବର୍ଦ୍ଧନା



ବିଧାୟିକା ଆଶୁତୋଷ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବରୀ,୧୦।୧୦(ଡି.ଏନ.ଏ.)

ବରୀ ବ୍ଲକ୍ ବୋଦୁଅ ପଞ୍ଚାୟତ କନ୍ତିଆ ଗ୍ରାମର ଅଶୋକ ମଲ୍ଲିକଙ୍କ ପୁଅ ଆଶୁତୋଷ ମଲ୍ଲିକ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ୧୫୩ କୃତକାର୍ଯ୍ୟଙ୍କ ମଧ୍ୟରୁ ସେ ୧୦୯ ତମ ସ୍ଥାନରେ ରହିଛନ୍ତି। ଏହି ଖବର ପାଇବା ପରେ ରବିବାର ବରୀ ବିଧାୟିକା ସୁନନ୍ଦା ଦାସ ତାଙ୍କ ବାସଭବନକୁ ଯାଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଆଶୁତୋଷ ନିଜର ନିଷ୍ଠା ଓ ପରିଶ୍ରମ ଯୋଗୁ ସଫଳତା ହାସଲ କରିଥିବାରୁ ତାଙ୍କ ପାଇଁ ବରୀ ଅଞ୍ଚଳ ଗର୍ବିତ ବୋଲି ବିଧାୟିକା ଦାସ ପ୍ରକାଶ କରିଛନ୍ତି। ବରୀ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀଙ୍କ ନିକଟରୁ ଆଶୁତୋଷଙ୍କ ପାଇଁ ପ୍ରଶଂସାର ସୁଅ ଛୁଟିଛି।

## ସ୍ଥାପନ ହୋଇ ପାରିଲାନି ୫ ପ୍ରତିମୂର୍ତ୍ତି

### ଫଳକରେ ଦାତାଙ୍କ ନାମ ଲେଖାକୁ ବିରୋଧ

ରସୁଲପୁର,୧୦।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ କଲଣସ୍ଥିତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରତିମୂର୍ତ୍ତି ସ୍ଥାପନ ନେଇ ବିବାଦ ଦେଖାଦେଇଛି। ଫଳରେ ୫ ମହାମନୀଷୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ ନ ହୋଇ ଫେରିଯାଇଛି। ଫଳକରେ ଦାତାଙ୍କ ନାମ ଲେଖା ବିବାଦରୁ ପ୍ରତିମୂର୍ତ୍ତି ଫେରିଯାଇଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଲୋକେ ବିରୋଧ କରୁଥିବା ଆଳକରି ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରାଇ ନ ଥିଲେ ବୋଲି ଅଭିଯୋଗ ହେଉଛି।

ମୋ ସ୍କୁଲ ଅଭିଯାନ ଆହ୍ୱାନକ୍ରମେ ପୁରାତନ ଛାତ୍ରଙ୍କ ପକ୍ଷରୁ ମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମୂର୍ତ୍ତିଦାତାଙ୍କ ମଧ୍ୟରେ ଆଲୋଚନା ମୁତାବକ କୁଳବୃଦ୍ଧ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ମା' ରମାଦେବୀ, ସଂଗ୍ରାମୀ ଜୟୀ ରାଜଗୁରୁ ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ସ୍ଥିର କରାଯାଇଥିଲା। ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ପ୍ରତିମୂର୍ତ୍ତି ସ୍ଥାପନ ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଥିଲା। ତେଣୁ ସେହିଦିନ ଭୂମି ପୂଜନ ସହ ପିଣ୍ଡି ସ୍ଥାପନ କରାଯାଇଥିଲା। ଏହାପରେ ଫଳକରେ ବଦାନ୍ୟବ୍ୟକ୍ତିଙ୍କ ନାମ ଲେଖାକୁ ଗ୍ରାମର କେତେଜଣ ବିରୋଧ କରୁଛନ୍ତି ବୋଲି ପ୍ରଧାନଶିକ୍ଷକ କୁଶମଣି ପଣ୍ଡା ଦାତାମାନଙ୍କୁ ଜଣାଇଥିଲେ। ତେଣୁ ଦାତାମାନେ ପ୍ରତିମୂର୍ତ୍ତି ଫେରାଇ ନେଇଥିଲେ। ଏ ସମ୍ପର୍କରେ ଦାତା ନିରଞ୍ଜନ ସାହୁ କହିଛନ୍ତି, ଫଳକରେ ଦାତାଙ୍କ ନାମ ଲେଖା ହେବାରେ ଅସୁବିଧା ନାହିଁ। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁମତି ନ ମିଳିବାରୁ ମୂର୍ତ୍ତିଗୁଡ଼ିକୁ ଫେରାଇ ଆଣାଗଲା। ପ୍ରଧାନଶିକ୍ଷକ ପଣ୍ଡା କହିଛନ୍ତି, ସେ ଅଗଷ୍ଟରେ ଏଠାରେ ଯୋଗ ଦେଇଛନ୍ତି। ମୂର୍ତ୍ତି ସ୍ଥାପନ ନେଇ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ତେବେ ଫଳକରେ ଦାତାଙ୍କ ନାମ ଲେଖାକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ବିରୋଧ କରିଥିଲେ। ଏହି କାରଣରୁ ମୂର୍ତ୍ତି ଲାଗିପାରିଲା ନାହିଁ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ରାଜନଗର, ୧୦।୧୦(ଡି.ଏନ୍.ଏ.)

ରାଜନଗର ବ୍ଲକ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକୁ ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। କେରେଡାଗଡଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିଥିଲେ। ସେହିପରି କେରେଡାଗଡ ମାଉସୀ ମା' ମନ୍ଦିରଠାରୁ ବାଲିସାହିପାଟଣା-ଚନ୍ଦନପୁର ଭାୟା ମଧୁପୁର ଯାଏ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ, ଗୋପାଳପୁରଠାରୁ ଚନ୍ଦନପୁର ଭାୟା କେରେଡାଗଡ ପ୍ରଧାନମନ୍ତ୍ରୀ ସଡକ ଯୋଜନାର ଶିଳାନ୍ୟାସ କରାଯାଇଛି। ଅନୁଷ୍ଠିତ ସଭାରେ ଅରୁଣ କୁମାର ସାହୁ, ସହକାରୀ ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ରାଉତ, ରାଜନଗର ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ବନ୍ଦ ପଡ଼ିଛି ପ୍ରକଳ୍ପ, ବିଦ୍ୟୁତ୍ ବିଲ୍ ୮୦ ହଜାର

ଖଣ୍ଡପଡ଼ା,୧୦।୧୦(ସ୍ୱ.ପ୍ର.)

ଦୀର୍ଘ ବର୍ଷ ହେଲା ଉଠା ଜଳସେଚନ ପ୍ରକଳ୍ପ ଅଚଳ ହୋଇପଡିଛି । ବିଦ୍ୟୁତ୍ ତାର ଚୋରି ହେବା ପରେ ଏପରି ଅବସ୍ଥା ସୃଷ୍ଟି ହୋଇଛି। ତଥାପି ୮୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବିଦ୍ୟୁତ୍ ବିଲ୍ ଆସିବା ଘଟଣା ପାଣି ପଞ୍ଚାୟତ ସଦସ୍ୟଙ୍କୁ ଚିନ୍ତାରେ ପକାଇଛି।

ଖଣ୍ଡପଡ଼ା ବ୍ଲକ, ଗଣିଆ ବିଦ୍ୟୁତ୍ ସେକ୍ସନ ଅଧୀନ ସିଧାମୂଳା ପଞ୍ଚାୟତର ସିଧାମୂଳା-୧, ସିଧାମୂଳା-୨, ଘୋଡ଼ାମାରୀଦ୍ୱାର-୧, ଘୋଡ଼ାମାରୀଦ୍ୱାର-୨ ବଳରାମପ୍ରସାଦ-୧ ଓ ଘୋଡ଼ାମାରୀଦ୍ୱାର-୨ ଏପରି ୬ଟି ଉଠାଜଳସେଚନ ପ୍ରକଳ୍ପ ୨୦୧୨ରୁ ପ୍ରତିଷ୍ଠା ହୋଇଥିଲା । ସେଥିରୁ ୩ଟି ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା । ସିଧାମୂଳାଠାରେ ଥିବା ଏକ ସ୍ୱତନ୍ତ୍ର ସବ୍‌ଷ୍ଟେଶନରୁ ଏହି ସବୁ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା । ମାତ୍ର ସେହି ପ୍ରକଳ୍ପଗୁଡିକ ପାଣି ପଞ୍ଚାୟତ ଦାୟିତ୍ୱ ନେବା ପରଠାରୁ ଆଦୌ ଚାଲି ନ ଥିଲା । ଏହାର ୨ ମାସ ପରେ ବିଦ୍ୟୁତ୍ ତାର ଚୋରି ହୋଇଯାଇଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପଗୁଡିକ ଗତ ୮ ବର୍ଷ ହେବ ଅଚଳ ହୋଇ ପଡିରହିଛି । ଅପରପକ୍ଷେ ବଳରାମ ପ୍ରସାଦ-୧ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୧୨ରେ ଠିକାଦାରଙ୍କ ଦ୍ୱାରା ସମ୍ପନ୍ନ ହେବାପରେ ବିଦ୍ୟୁତ୍ ସଂଯୋଗ କରାଯାଇ ଉଠା ଜଳସେଚନ ପ୍ରକଳ୍ପର



ତାର ଚୋରି ପରେ ଅଚଳ ପଡ଼ିଥିବା ଟ୍ରାନ୍ସଫର୍ମର ।

### ପୈଠ ପାଇଁ ମେସେଜ, ଚିନ୍ତାରେ ଚାଷୀ

ପାଣି ଟେଷ୍ଟ କରାଯାଇ ଉଠାଜଳ ସେଚନ ନିଗମ ପକ୍ଷରୁ ପ୍ରକଳ୍ପର ବିଲ୍ ପୈଠ କରାଯାଇଥିଲା । ପାଣି ପଞ୍ଚାୟତକୁ ପ୍ରକଳ୍ପ ହସ୍ତାନ୍ତର ପରଠାରୁ ଆଉ ପ୍ରକଳ୍ପଟି ଚାଲି ନ ଥିଲା । ବିଦ୍ୟୁତ୍ ତାର ଚୋରି ହେବା ପରେ ସଂପୃକ୍ତ ପ୍ରକଳ୍ପର ମୋଟର ଓ ପାଇପ୍ ଏବଂ ଆନୁଷଙ୍ଗିକ ସରଞ୍ଜାମଗୁଡ଼ିକ ଖୋଲାଯାଇ ପାଣି ପଞ୍ଚାୟତର ସଭାପତିଙ୍କ ପାଖରେ ମହଜୁଦ ରହିଛି । ମାତ୍ର ବିଭିନ୍ନ ସମୟରେ ବିଦ୍ୟୁତ୍ ବିଲ୍ ଆସୁଛି । କୋଭିଡ୍ କଟକଣା ଯୋଗୁ ଚାଷୀମାନେ ହାତବାନ୍ଧି ବସିଥିବା ବେଳେ ଗତ ଲଘୁଚାପ ଲଗାଣ ବର୍ଷା ଚାଷୀମାନଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏହି ସମୟରେ ଟିପିସିଓଡିଏଲ୍ ପକ୍ଷରୁ ପାଣି ପଞ୍ଚାୟତ ସଭାପତି ସନାତନ ଲେଙ୍କାଙ୍କ ପାଖକୁ ଆସନ୍ତା ୧୮ ତାରିଖରେ ୮୦ ହଜାର ୫୧୧ ଟଙ୍କା ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ମେସେଜ ଆସିଛି । ଗତ ନଭେମ୍ବରରେ ବଳରାମ ପ୍ରସାଦ-୧ ବରଦାତ୍ରୀ ମା'ମଙ୍ଗଳା ପାଣି ପଞ୍ଚାୟତ ସଭାପତି ସନାତନ ଲେଙ୍କାଙ୍କ ନାମରେ ୭୩ ହଜାର ୨୩୩ ଟଙ୍କା ବିଦ୍ୟୁତ୍ ବିଲ ଆସିଥିଲା ।

ଏ ସମ୍ପର୍କରେ ନୟାଗଡ଼ ଉଠାଜଳସେଚନ ଡ଼ିଭିଜନର ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ଦାଶଙ୍କ ସହ ଯୋଗାଯୋଗ କରିବାରେ ବିଭାଗ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯାଇ ବିଦ୍ୟୁତ୍ ସଂଯୋଗ ପରେ ପାଣି ଟେଷ୍ଟିଂ କରାଯାଇ ସମ୍ପୃକ୍ତ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି । ପରବର୍ତ୍ତୀ ସମୟରେ ପ୍ରକଳ୍ପର ସମସ୍ତ ଦାୟିତ୍ୱ (ଜମିକୁ ଜଳସେଚନ କରିବାଠାରୁ ଆରମ୍ଭ କରି ପ୍ରକଳ୍ପର ମରାମତି ଓ ରକ୍ଷଣାବେକ୍ଷଣ ସହିତ ବିଦ୍ୟୁତ୍ ବିଲ୍ ପୈଠ) ପାଣି ପଞ୍ଚାୟତ ଉପରେ ନ୍ୟସ୍ତ ରହିଛି । ବିଭାଗର କୌଣସି ଦାୟିତ୍ୱ ନାହିଁ । ଅପରପକ୍ଷେ ଗଣିଆ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ଞାନରଞ୍ଜନ ସାହୁଙ୍କ ସହ ଯୋଗାଯୋଗ କରିବାରେ ପ୍ରକଳ୍ପ ନ ଚାଲିଲେ ମଧ୍ୟ ବିଦ୍ୟୁତ୍ ବିଲ୍ ଅଟୋମେଟିକ ଭାବେ ବଢୁଛି । ଯେତେବେଳେ ସମ୍ପୃକ୍ତ ପ୍ରକଳ୍ପକୁ ଚାଲୁ କରାଯିବ ସେତେବେଳେ ବିଲ୍ ରିଭିଜନ ହୋଇ ମିଟର ରିଡିଂ ଅନୁସାରେ ବିଲ୍ ହେବ ବୋଲି ସାହୁ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଆମ ପୋଲିସ କାର୍ଯ୍ୟକ୍ରମ

ନୟାଗଡ଼ ଅଫିସ,୧୦।୧୦: ଶରଣକୁଳ ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଶରଣକୁଳ ଥାନା ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବରିଷ୍ଠ ନାଗରିକ ପ୍ରମୁଖ ଯୋଗ ଦେଇଥିଲେ । ପୋଲିସ ଓ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଁ ଏଥିରେ ପ୍ରୟାସ କରାଯାଇଥିଲା। ଲୋକମାନେ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ଶରଣକୁଳ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ ଏହାକୁ ପରିଚାଳନା କରିଥିଲେ ।

### ୨ ମଦ ବ୍ୟବସାୟୀ ଗିରଫ

ନୟାଗଡ଼ ଅଫିସ,୧୦।୧୦: ଶରଣକୁଳ ଥାନା ପୋଲିସ ରବିବାର ୨୦ ଲିଟର ଦେଶୀ ଓ ୧୦ ବୋତଲ ବିୟର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି । ଡିମଶର ଗାଁର ପ୍ରଦୀପ ବିଶୋଇ(୨୮)ଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ କରାଯାଇଛି । ସେହିପରି ବଡଗୋରଡା ଗାଁର ଗଣେଶ ପରିଡା(୩୦)ଙ୍କ ଠାରୁ ୧୦ ବୋତଲ ବିୟର ଜବତ କରାଯାଇଛି । ପ୍ରଦୀପଙ୍କ ବିରୋଧରେ ଏକ ମାମଲା (ନଂ.୧୧୪/୨୧) ଓ ଗଣେଶଙ୍କ ନାଁରେ ଅନ୍ୟ ଏକ ମାମଲା(ନଂ.୧୧୫/୨୧) ରୁଜୁ ହୋଇଛି। ଉଭୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ।

### ତ୍ରିଧାରା ସାହିତ୍ୟ ସଂସଦର ଆନ୍ତର୍ଜାତିକ ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ୍,୧୦।୧୦: ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ଅନ୍‌ଲାଇନ୍‌ରେ ଆନ୍ତର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସଭାପତି ଡ. ପ୍ରମୋଦ କୁମାର ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ଆଲୋଚକ ଭାବେ ଆମେରିକାରେ ଥିବା ବୈଜ୍ଞାନିକ ଡ.ନୃସିଂହ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଡ.ରମେଶ ମଲିକ ଯୋଗ ଦେଇ ନିଜର ମତ ରଖିଥିଲେ। ମାତୃଭାଷାର ଉନ୍ନତି କ୍ରମେ ଉତ୍କଳମଣି ଗୋପବନ୍ଧୁ ଦାସ ବିଦ୍ୟାଳୟ ଓ ସମ୍ବାଦପତ୍ର ପତ୍ରିକା ପ୍ରକାଶନ କରିଥିଲେ। ଏଥିସହ ସତ୍ୟବାଦୀ ପତ୍ରିକା ଓ ବିଦ୍ୟାଳୟ ନିର୍ମାଣ କ୍ଷେତ୍ରରେ ଗଞ୍ଜାମର ଯଥେଷ୍ଟ ଭୂମିକା ରହିଥିବା ଆଲୋଚକମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ପ୍ରଣବାନନ୍ଦ ପାଢୀଯୋଶୀ, ସଂସଦ ସମ୍ପାଦକ ଡ.ଲକ୍ଷ୍ମୀ ନାରାୟଣ ଦାଶଙ୍କ ସମେତ ବନ୍ଦନା ପଣ୍ଡା, ପ୍ରଭାତୀ ପାତ୍ର, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ଡ.ବିଶ୍ୱେଶ୍ୱର ଆଚାର୍ଯ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା କୁପନ ବିତରଣ ଆରମ୍ଭ

ବ୍ରହ୍ମପୁର ଅଫିସ୍,୧୦।୧୦: ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଆନୁକୂଲ୍ୟରେ ଗଞ୍ଜାମ ଜିଲାରେ ଶୁକ୍ରବାର ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା କୁପନ ବିତରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେଉଁ ବ୍ୟକ୍ତି ରାଜ୍ୟର ଯେକୌଣସି ଡାକଘର, ଅଧିକୃତ ବ୍ୟାଙ୍କ ସ୍ୱଳ୍ପ ସଞ୍ଚୟ ଯୋଜନା ଗୁଡିକରେ ଚଳିତ ବର୍ଷ ଜାନୁଆରୀ ୧ ତାରିଖଠାରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ ଅନୁନ୍ୟ ୨ ହଜାର ଟଙ୍କାରୁ ଅଧିକ ଅର୍ଥ ନିବେଶ କରିବେ ସେମାନେ ପ୍ରତ୍ୟେକ ୨ ହଜାର ଟଙ୍କା ପିଛା ଗୋଟିଏ ମାଗଣା କୁପନ୍ ସଂଗ୍ରହ କରିପାରିବେ। ଏହି କୁପନ୍ ବିତରଣ ପ୍ରକ୍ରିୟା ଆସନ୍ତା ୨୦୨୨ ମାର୍ଚ୍ଚ ୩୦ ତାରିଖ ଯାଏଁ ବଳବତ୍ତର ରହିବ ବୋଲି ବ୍ରହ୍ମପୁର ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ ନିକଟରୁ ସୂଚନା ମିଳିଛି। ଏହା ୱେବ୍ ସଂଚାଳିତ ପଦ୍ଧତି ଦ୍ୱାରା କୁପନ୍ ନମ୍ବର ଜମାକାରୀଙ୍କୁ ପ୍ରଦାନ କରିବା ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ଅଂଶଗ୍ରହଣ କରିବା ସଂପୂର୍ଣ୍ଣ ଦେୟମୁକ୍ତ ବୋଲି ଜଣାପଡିଛି। କିଶାନ୍ ବିକାଶ ପାତ୍ର, ଜାତୀୟ ସଞ୍ଚୟ ସାର୍ଟିଫିକେଟ୍, ପବ୍ଲିକ୍ ପ୍ରୋଭିଡେଣ୍ଟ୍ ଫଣ୍ଡ, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ସୁକନ୍ୟା ସମୃଦ୍ଧି ଜମା, ଡାକଘର ୫ ବର୍ଷିଆ ଅବଧି ଜମା, ଡାକଘର ମାସିକ ଆୟ ଯୋଜନା ଓ ଜାତୀୟ ସଞ୍ଚୟ ମାସିକ ଆୟ ଜମା ଗୁଡିକ ମଧ୍ୟରୁ ନିଜ ପସନ୍ଦ ମୁତାବକ ଜମା ଯୋଜନାରେ ସଞ୍ଚୟ କରି ନିକଟସ୍ଥ ଜିଲାପାଳ, ଉପଜିଲାପାଳ, ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ କୁପନ ସଂଗ୍ରହ କରି ଭାଗ୍ୟଶାଳୀ ବିଜେତା ହୋଇପାରିବେ। ଯେଉଁମାନେ କୁପନ ସଂଗ୍ରହ କରିବେ ସେମାନେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଛତ୍ରପୁର, ଭଞ୍ଜନଗର, ଛତ୍ରପୁର ଓ ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି କୁପନ ସଂଗ୍ରହ କରିପାରିବେ ବୋଲି ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଶଙ୍କର୍ଷଣ ପଟ୍ଟନାୟକ ଓ ସୁମନା ପଣ୍ଡା ସୂଚନା ଦେଇଛନ୍ତି।

# ୩୩ତମ ର୍‍ୟାଙ୍କରେ ନୟାଗଡ଼ର ରଞ୍ଜନ

ନୟାଗଡ଼ ଅଫିସ,୧୦।୧୦

### ଓଏଏସ୍ ପରୀକ୍ଷା ଫଳ

ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷାରେ ୩୩ ତମ ର୍‍ୟାଙ୍କରେ ନୟାଗଡ଼ ସହର ନୂଆ ରାଜବାଟିର ରଞ୍ଜନ କୁମାର ସାହୁ ରହି ଜିଲା ପାଇଁ ଗୌରବ ଆଣିଛନ୍ତି। ରଞ୍ଜନ ନୟାଗଡ଼ କଲେଜରେ ଯୁକ୍ତ୨ ବିଜ୍ଞାନ ପଢ଼ିବା ପରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ୟୁନିଭରସିଟି ଅଫ୍ ଏଗ୍ରିକଲଚର ଆଣ୍ଡ ଟେକ୍‌ନୋଲୋଜି (ଓୟୁଏଟି)ରେ ୨୦୧୯ରେ ଗ୍ରାଜୁଏଶନ ଶେଷ କରିଥିଲେ। ପରେ ସେ ସେହି ୟୁନିଭରସିଟିରେ କୃଷି ଓ ଅର୍ଥନୀତି ଉପରେ ପିଜି କରିଥିଲେ । ଏଥି ସହିତ ସେ ଓଏଏସ୍ ପାଇଁ ପ୍ରସ୍ତୁତ ହେଉଥିଲେ। ଏଥିପାଇଁ ଦିନକୁ ସେ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ । ଏହି ସଫଳତାରେ ଶ୍ରେୟ ସେ ମା'ବାପା ଓ ଈଶ୍ୱରଙ୍କୁ ଦେଇଛନ୍ତି। ବାପା ସୁରେନ୍ଦ୍ର ଜଣେ ବ୍ୟବସାୟୀ, ମା'ମଞ୍ଜୁଲତା ଗୃହିଣୀ। ସେମାନଙ୍କ ଆଶୀର୍ବାଦରୁ ମୁଁ ସଫଳତା ପାଇଛି ବୋଲି ରଞ୍ଜନ କହିଛନ୍ତି। ନିଜ ପ୍ରତିକ୍ରିୟାରେ ରଞ୍ଜନ କହିଛନ୍ତି, ପରିଶ୍ରମର ଫଳ ବୃଥା ଯାଏନାହିଁ। ଧୈର୍ଯ୍ୟ ଓ ସଂକଳ୍ପ ହେଉଛି ସଫଳତାର ଚାବି କାଠି। ମୁଁ ପରିଶ୍ରମ କରିଥିଲି । ଫଳକୁ ଆଶା କରି ନ ଥିଲି । ଏବେ ମୁଁ ପ୍ରଶାସନିକ ସେବାରେ ଯୋଗ ଦେଇ ଲୋକମାନଙ୍କୁ ନ୍ୟାୟ ଦେବାକୁ ଆଶା ରଖିଛି ବୋଲି ସେ କହିଛନ୍ତି ।



ରଞ୍ଜନ କୁମାର ସାହୁ

# ରାଜ୍ୟସ୍ତରୀୟ ମହିଳା ବକ୍ସିଂ ଚୟନ ଶିବିର



ଏ.ରତ୍ନୁ ରାଓ



ରେଣୁ ମହାପାତ୍ର

ବ୍ରହ୍ମପୁର ଅଫିସ,୧୦।୧୦

### ଗଞ୍ଜାମର ୪ ପ୍ରତିଯୋଗୀ

ଅକ୍ଟୋବର ୧୧ରେ କଟକ ବାରବାଟୀ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ମହିଳା ବକ୍ସିଂ ଚୟନ ଶିବିର ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ପାଇଁ ବ୍ରହ୍ମପୁର ମହିଳା ବକ୍ସିଂ ଦଳର ୪ ପ୍ରତିଯୋଗୀ ରବିବାର କଟକ ଯାତ୍ରା କରିଛନ୍ତି। ପ୍ରତିଯୋଗୀମାନେ ହେଲେ ଏ.ରତ୍ନୁ ରାଓ, ରେଣୁ ମହାପାତ୍ର, ପୂଜା ପାଣ୍ଡି ଓ ଅନିଶା ପାଣିଗ୍ରାହୀ।

ସୂଚନାଯୋଗ୍ୟ, ରାଜ୍ୟସ୍ତରୀୟ ମହିଳା ବକ୍ସିଂ ଚୟନ ଶିବିର ନିମନ୍ତେ ଅକ୍ଟୋବର ୭ରେ ଜିଲା ବକ୍ସିଂ ସଂଘ ପକ୍ଷରୁ ବ୍ରହ୍ମପୁରଠାରେ ଏକ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ୪ ଜଣ ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଥିଲା। ରାଜ୍ୟସ୍ତରୀୟ ଚୟନ ଶିବିରରେ ପ୍ରତିଯୋଗୀ ଭଲ ପ୍ରଦର୍ଶନ କରିପାରିଲେ ରାଜ୍ୟ ଦଳରେ ସାମିଲ ହୋଇପାରିବେ। ଏହା ସହ ଅକ୍ଟୋବର ୨୧ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହରିୟାଣା ହିସାରଠାରେ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ସ୍ଥାନ ପାଇପାରିବେ । ଏନେଇ ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ଜିଲା ବକ୍ସିଂ ସଂଘ କର୍ମକର୍ତ୍ତାମାନେ ଆଶା ରଖିଛନ୍ତି। ମହିଳା ବକ୍ସିଂ ପ୍ରତିଯୋଗୀଙ୍କ ସହ ଗଞ୍ଜାମ ବକ୍ସିଂ ସଂଘ କୋଚ ଅବିନାଶ ନାୟକ, ରେଫରି ଶିଶିର କୁମାର ପାଣିଗ୍ରାହୀ, ଶିବରାମ ପାତ୍ର ଓ ଜିଲା ବକ୍ସିଂ ସମ୍ପାଦକ ପ୍ରଭାକର ରାଓ ମଧ୍ୟ ଯାତ୍ରା କରୁଛନ୍ତି।

# ଖୋର୍ଦ୍ଧାରୁ ଅପହୃତା ଛାତ୍ରୀ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୦।୧୦

ବ୍ରହ୍ମପୁର ସଦର ଥାନା ପୋଲିସ ଜଣେ ଅପହୃତା ଛାତ୍ରୀଙ୍କୁ ଖୋର୍ଦ୍ଧାରୁ ରବିବାର ଉଦ୍ଧାର କରିଛି। ସେହିପରି ଅପହରଣକାରୀ ଯୁବକଙ୍କୁ ମଧ୍ୟ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ବଡନୂଆଗାଁର ଗୋବିନ୍ଦ ମହାପାତ୍ର (୨୦)। ଗୋବିନ୍ଦ ଜଣେ ଡିପ୍ଲୋମା ଛାତ୍ର। ଛାତ୍ରୀଙ୍କୁ ଅପହରଣ କରି ନେବା ସହ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି। ମାମଲା ନମ୍ବର ୨୫୭/୨୧ରେ

### ଡିପ୍ଲୋମା ଛାତ୍ର କୋର୍ଟ ଚାଲାଣ

ପୋଲିସ ରବିବାର ଗୋବିନ୍ଦଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟପଟେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ସେହିପରି କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ପୀଡ଼ିତାଙ୍କୁ ତାଙ୍କ ବାପା,ମାଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ କହିଛି।

ଫେସ୍‌ବୁକରେ ଛାତ୍ରୀଙ୍କ ସହ ଗୋବିନ୍ଦଙ୍କ ୧୦ ମାସ ତଳେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଯୋଜନା ମୁତାବକ ଗୋବିନ୍ଦ ଖୋର୍ଦ୍ଧାରୁ ଏକ କାର ଭଡାରେ ଆଣି ଗତ ଜୁଲାଇ ୨୬ ତାରିଖ ବିଳମ୍ବିତ ରାତରରେ ଛାତ୍ରୀଙ୍କୁ ସଦର ଥାନା ଅଞ୍ଚଳରୁ ଅପହରଣ କରି ନେଇଥିଲେ। ଏନେଇ ପୀଡ଼ିତାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ଶନିବାର ଖୋର୍ଦ୍ଧାରେ ପହଞ୍ଚିଥିଲା। ସେଠାରୁ ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ମଧ୍ୟ କାବୁ କରିଥିଲା। ଛାତ୍ରୀଙ୍କୁ ଅପହରଣ ପରେ ଗୋବିନ୍ଦ ଖୋର୍ଦ୍ଧା ଟାଉନରେ ଏକ ଘର ଭଡା ନେଇ ରଖି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ପୋଲିସ ଅଭିଯୁକ୍ତଙ୍କୁ ଜେରା ବେଳେ ଜାଣିବାକୁ ପାଇଛି।

# ଭାଜପା ଛାଡ଼ି ବିଜେଡିରେ ମିଶିଲେ ୪୦ରୁ ଉର୍ଦ୍ଧ୍ୱ ପରିବାର

ପୋଲସରା,୧୦।୧୦(ଡି.ଏନ୍.ଏ.)

ପୋଲସରା ବ୍ଲକ ଅଧୀନ ହାତୀଓଟ ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନିମିନା ଗ୍ରାମ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ନିରଞ୍ଜନ ଗୌଡ଼ଙ୍କ ନେତୃତ୍ୱରେ ସାନବରଗାଁ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ପରିବାର ଭାଜପା ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡିରେ ଯୋଗ ଦେଇଥିବା ଭାଜପାର ୱାର୍ଡ ସଭ୍ୟ ସରତ ଚନ୍ଦ୍ର ଗୌଡ଼, କବିରାଜ ଗୌଡ଼, କେଳା ବେହେରା, ତ୍ରିଲୋଚନ ସାହୁ, ଶ୍ୱେତ ଗୌଡ଼, ଭୀମ ବେହେରା, ଗୋପାଳ ଗୌଡ଼, ମିଟୁ ସେଠୀ, କୈଳାସ ଡାକୁଆ, କୈଳାସ ଗୌଡ଼, ନକୁଳ ଗୌଡ଼ ପ୍ରମୁଖ ପରିବାରକୁ ପୁଷ୍ପଗୁଚ୍ଛ ସହ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ଅଶୋକ ବିଷୋୟୀ, କବିରାଜ ସାହୁ, ମୁକୁଲ ପ୍ରଧାନ, ତାପସ ପ୍ରଧାନ, ରାଜୁ ଗୌଡ଼, ପଞ୍ଚୁ ସାହୁ, ନୀଳମଣି ସାହୁ ସମେତ ବିଜେଡିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭାରତୀୟ ବାୟୁସେନା ଦିବସ ପାଳିତ

ନୟାଗଡ଼ ଅଫିସ,୧୦।୧୦

ନୟାଗଡ଼ ବ୍ଲକର ଇଟାମାଟିଠାରେ ଭାରତୀୟ ବାୟୁସେନା ଦିବସ ପାଳିତ ହୋଇଯାଇଛି । ଅକ୍ଟୋବର ୮ରେ ଏହି ଦିବସ ପଡୁଥିଲେ ହେଁ ୧୦ ତାରିଖ ରବିବାର ପାଳନ କରାଯାଇଛି । ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଅଧିକାରୀଙ୍କ ଆସୋସିଏଶନ ଓଡ଼ିଶାର ନୟାଗଡ଼ ଶାଖା ପକ୍ଷରୁ ଆୟୋଜିତ ସଭାରେ ଜିଲା ସଭାପତି ବସନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଅଜିତ ପ୍ରସାଦ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୧୯୭୧ ଯୁଦ୍ଧରେ ସାମିଲ ହୋଇ ଅବସର ନେଇଥିବା ରାଧାକ୍ରିଷ୍ଣ ସିଂଦେଓ, ଅପୂର୍ବ କିଶୋର ରାୟ, ବାସୁଦେବ ସାହୁ, ସତ୍ୟବାଦୀ ପ୍ରଧାନ, ବସନ୍ତ ପଟ୍ଟନାୟକ, ଗଙ୍ଗାଧର ସାହୁ ପ୍ରମୁଖ ୭ଜଣ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରିବାର ସଦସ୍ୟମାନଙ୍କୁ ନେଇ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ବାୟୁସେନା ଦିବସରେ ଯୋଗଦେଇଥିବା ଅବସରପ୍ରାପ୍ତ କର୍ମଚାରୀ ବୃନ୍ଦ ।

### ଯୁବକଙ୍କ ମୃତଦେହ ଜବତ ଘଟଣା: ଥାନାରେ ୨ ଅଟକ

ବ୍ରହ୍ମପୁର ଅଫିସ,୧୦।୧୦

ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଜାତୀୟ ରାଜପଥ-୧୬ ହଳଦିଆପଦର ରାସ୍ତା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ପୋଲିସ ଘଟଣାସ୍ଥଳରୁ ମିଳିଥିବା ମୋବାଇଲରୁ ଅନେକ କିଛି ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି। ସେହିପରି ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ଏଫଏମ୍‌ଟି ବିଭାଗ ଡାକ୍ତରଙ୍କ ପ୍ରାଥମିକ ତଦନ୍ତକୁ ଆଧାର କରି ଜାଣିବାକୁ ପାଇଛି, ମୃତ ସୁଧୀର କୁମାର ସାହୁଙ୍କୁ ଦୁର୍ବୃତ୍ତମାନେ ଅନ୍ୟ କେଉଁ ସ୍ଥାନରେ ହତ୍ୟା କରିବା ପରେ ଦୁର୍ଘଟଣାର ରୂପ ଦେବା ପାଇଁ ହଳଦିଆପଦର ଜାତୀୟ ରାଜପଥ କଡ଼ରେ ଫୋପାଡ଼ି ଦେଇଛନ୍ତି।

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୦।୧୦

ସରକାରୀ ରେଳବାଇ ପୋଲିସ (ଜିଆରପି) ଥାନା ଅନ୍ତର୍ଗତ ଖୋଡ଼ାସିଙ୍ଗି ଏଲ୍ଆଇସି ଅଫିସ ନିକଟ ରେଳଧାରଣାରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ଏନେଇ ୬୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ସଂରକ୍ଷିତ ରଖାଯାଇଛି। ପ୍ରାଥମିକ ତଦନ୍ତରୁ ଯୁବକ ଜଣକ ରେଳ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ନକଲି ବିଦେଶୀ ମଦ ଜବତ, ୫ ଗିରଫ

ବ୍ରହ୍ମପୁର ଅଫିସ,୧୦।୧୦

ବ୍ରହ୍ମପୁର ସଦର ଥାନା ଡେଙ୍ଗାପଦର ଓ ବାଲିପଡା ଅଞ୍ଚଳରେ ରବିବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୦୩ ଲିଟର ନକଲି ବିଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ଡେଙ୍ଗାପଦର ଅଞ୍ଚଳରୁ ବି.ଗଙ୍ଗାଧର ପାତ୍ର, ଏ.ସନ୍ତୋଷ କୁମାର, ସମୀର କୁମାର ଆଚାରୀ ଓ ଆକାଶ ବେହେରା ଗିରଫ ହୋଇଛନ୍ତି। ସେହିପରି ଚାଲାଣରେ ବ୍ୟବହାର ହେଉଥିବା ଏକ ଅଟୋ ମଧ୍ୟ ଜବତ ହୋଇଛି। ପରେ ବାଲିପଡା ଅଞ୍ଚଳରେ ଚଢ଼ାଉ ବେଳେ ବାଇକରେ ଚାଲାଣ ହେଉଥିବା ୧୭ ଲିଟର ନକଲି ବିଦେଶୀ ମଦ ଜବତ କରାଯାଇଛି। ଏସଂକ୍ରାନ୍ତରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ତାଙ୍କ ପରିଚୟ ମିଳିନାହିଁ।

### ଦିବ୍ୟାଙ୍ଗ ଚିହ୍ନଟ ଶିବିର

ଫୁଲବାଣୀ ଅଫିସ/ସାରଙ୍ଗଡ଼,୧୦।୧୦

କ.ନୂଆଗାଁ ବ୍ଲକ ବଣ୍ଡଗୁଡା ପଞ୍ଚାୟତରେ ଦିବ୍ୟାଙ୍ଗ ଚିହ୍ନଟ ଓ ଭତ୍ତା ମଞ୍ଜୁର ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ବଣ୍ଡଗୁଡା, ସାରଙ୍ଗଡ, ଜିରିଡିକିଆ, ଗାନ୍ଦେରିଗାଁ ଓ ଚାଞ୍ଚେଡି ପଞ୍ଚାୟତର ଲୋକେ ଆସିଥିଲେ । ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଅଧିକାରୀ ଅକ୍ଷୟ କୁମାର ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ମିଶ୍ର, କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.କରିସ୍ମା ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରହିମ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଦିବ୍ୟାଙ୍ଗ ଚିହ୍ନଟ କରିବା ସହ ଭତ୍ତା ପାଇବାକୁ ଥିବା ହିତାଧିକାରୀଙ୍କ ପ୍ରମାଣପତ୍ର ଯାଞ୍ଚ କରିଥିଲେ । ଶିବିରରେ ୧୨୫ ଜଣ ଦିବ୍ୟାଙ୍ଗ ଚିହ୍ନଟ ପାଇଁ ନାମ ପଞ୍ଜୀକରଣ କରିଥିଲେ। ବଣ୍ଡଗୁଡା ସରପଞ୍ଚ ସଙ୍ଗୀତା ନାୟକ, ଜିରିଡିକିଆ ସରପଞ୍ଚ ମହାଦେବ ପ୍ରଧାନ, ଗାନ୍ଦେରିଗାଁ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ଚାଞ୍ଚେଡି ସରପଞ୍ଚ ରାଜକିଶୋର ପ୍ରଧାନ, ସାରଙ୍ଗଡ ସରପଞ୍ଚ ଅହଲ୍ୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜୁ ଶ୍ରମିକ ସାମ୍ମୁଖ୍ୟର ଯୋଗଦାନ ପର୍ବ

ଗୋପାଳପୁର,୧୦।୧୦(ଡି.ଏନ୍.ଏ.)

ଗୋପାଳପୁରରେ ଶନିବାର ବିଜୁ ଶ୍ରମିକ ସାମ୍ମୁଖ୍ୟର ଯୋଗଦାନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ.ଗୋପବନ୍ଧୁ ଦାସ, ରାଜ୍ୟ କୋଠାବାଡ଼ି ନିର୍ମାଣ ଶ୍ରମିକ ଅଧ୍ୟକ୍ଷ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ ସମ୍ପାଦିକା ଏନ୍. ସୁଜାତା ପାତ୍ର, ଜିଲା ଉପସଭାପତି ସିଏଚ୍ ଡିଲେଶ୍ୱର ରେଡ୍ଡୀ, ରଙ୍ଗେଇଲୁଣ୍ଡା ବ୍ଲକ ପୂର୍ବତନ ସଭାପତି ସିଏଚ୍ ଭରତ ପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ସ୍ୱାସ୍ଥ୍ୟକାର୍ଡ ଗୋପାଳପୁର ଏନ୍ଏସିରେ ବଣ୍ଟନ କରାଯିବ ବୋଲି ଡ. ଦାସ ସୂଚନା ଦେଇଥିଲେ।

# ଗମନାଗମନର ଭରସା ଗଛ

ଆର.ଉଦୟଗିରି,୧୦।୧୦(ଡି.ଏନ.ଏ.)

ମୋହନା ବ୍ଲକ ଦୁର୍ଗମ, ଅପହଞ୍ଚ, ଜଙ୍ଗଲ ଓ ପାହଡ ପର୍ବତ ଘେରା ମଧ୍ୟରେ ଅବସ୍ଥିତ। ଆଦିବାସୀ ଅଧ୍ୟୁଷିତ ଏହି ବ୍ଲକର ବହୁ ଗ୍ରାମ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ। ଏମିତି ବହୁ ଗ୍ରାମ ରହିଛି ଯେଉଁଠିକି ପ୍ରଶାସନ ଅଧିକାରୀମାନଙ୍କ ପାଦ ମଧ୍ୟ ପଡିନି। ପ୍ରଶାସନ କିଏ ସେମାନେ ଜାଣିନାହାନ୍ତି। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଏମାନଙ୍କ ପାଇଁ ବିକାଶ ସାତ ସପନ। ପିଲାଙ୍କୁ ପଢାଇବା, ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଜରୁରୀ କାମରେ ଯାତାୟାତ ପାଇଁ ବାଧକ ସାଜିଛି ହରଭଙ୍ଗୀ ନଦୀ। ମୋହନା ବ୍ଲକ ଅନ୍ତର୍ଗତ ଗୁରୁଖୁଲି ପଞ୍ଚାୟତର ବେଟେଗଣ୍ଡା, ପଣସଡିଅ ଓ ବାମଦେଇପଦା। ଏହି ୩ଟି ଗ୍ରାମର ଲୋକସଂଖ୍ୟା ପ୍ରାୟ ୨ ହଜାରରୁ ଅଧିକ। ଏହି ଗ୍ରାମକୁ ଯିବାକୁ ହେଲେ ମଝିରେ ପଡିଛି ଖରସ୍ରୋତା ହରଭଙ୍ଗୀ ନଦୀ। ଏହି ନଦୀରେ ବର୍ଷ ତମାମ ଜଳସ୍ରୋତ ପ୍ରଖର ଥାଏ। ଏହି ନଦୀ ପାର ହୋଇ ୩ଟି ଗ୍ରାମର ଶତାଧିକ ଲୋକ ପ୍ରତ୍ୟେକ ଦିନ ବିଭିନ୍ନ ସରକାରୀ ଓ ବେସରକାରୀ କାମରେ ମୋହନା, ଅଡ଼ବା, ବିରିକୋଟ, ନଳାଘାଟ ଓ ନିଜ ଗାଁର ପଞ୍ଚାୟତ



ଗଛ ପକାଇ ନଦୀ ପାର ହେଉଛନ୍ତି ଗ୍ରାମବାସୀ।

### ୭୦ ବର୍ଷ ହେଲା ନଦୀ ସାଜିଛି ବାଧକ

ଗୁରୁଖୋଲିକୁ ଆସିବାକୁ ହେଲେ ନଦୀ ଉପରେ ଗଛ ପକାଇ ଯାତାୟାତ କରିଥାନ୍ତି। ଗର୍ଭବତୀ କିମ୍ବା ରୋଗୀଙ୍କୁ ଗାଁଠାରୁ ୩ କିମି ପାଦଚଲା ରାସ୍ତାରେ ଆସିବା ପରେ ଗଛ ପୋଲ ଉପରେ ଚଢି ଜୀବନକୁ ବାଜି ଲଗାଇ ଆସିବାକୁ ପଡିଥାଏ । ଏହା ପାଲଟି ଯାଇଛି ଗ୍ରାମବାସୀଙ୍କର ସତେ ଯେମିତି ନିତି ଦିନିଆ ଘଟଣା। କେତେଗଣ୍ଡା ଗ୍ରାମରେ ପାନୀୟ ଜଳର ଘୋର ସମସ୍ୟା। ଇନ୍ଦିରା ଗାନ୍ଧୀଙ୍କ ଅମଳରୁ ଖୋଳାଯାଇଥିବା ୨ଟି ନଳକୂପର ପାଣି ସମୁଦ୍ରକୁ ଶଙ୍ଖେ। ଖରାଦିନେ ପାଣିର ସମସ୍ୟା କହିଲେ ନ ସରେ, ରାସ୍ତା ଅବସ୍ଥା ଶୋଚନୀୟ। ତିତ୍‌ଲି ଏବଂ ଲଗାଣ ବର୍ଷାରେ ରାସ୍ତା ପାଲଟିଯାଇଛି ମରଣଯନ୍ତା। ଉକ୍ତ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଏମ୍‌ପି, ବିଧାୟକ, ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ବାରମ୍ବାର ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ପ୍ରଶାସନ ଦାବି ପୂରଣ ନ କଲେ ୩ ଗ୍ରାମର ଶହ ଶହ ଲୋକ ମୋହନା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଜାତୀୟ ରାଜପଥ ୩୨୬ ବ୍ରହ୍ମପୁରଠାରୁ ରାୟଗଡ଼ା ଓ ପାରଳାଖେମଣ୍ଡି ମୁଖ୍ୟ ରାସ୍ତାକୁ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

